# Akashvani, Sambalpur

## SAMBALPURI NEWS EVENING BULLETIN

## 26 March 2025- 7.02 pm- 7.12 pm.

********************************************

୧- ବିଶୃଙ୍ଖଳିତ୍ ଆଚରଣ୍ ଲାଗି କଂଗ୍ରେସ୍‌ର ଆଉ ୨ ଝନ୍ ସଦସ୍ୟ ବିଧାନ୍‌ସଭାନୁ ଫେର୍ ହେଲେ ନିଲମ୍ବିତ୍ ।

୨- ବିଧାନ୍‌ସଭା ଅଚଲ୍ କର୍‌ବାର୍‌କେ ବିରୋଧୀ ଦଲ୍ ତର୍‌ଫୁ ଉଦ୍ୟମ୍ କରାଯାଉଛେ- କହେଲେ ଆଇନ୍‌ମନ୍ତ୍ରୀ ।

୩- ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଭାବେ ଶପଥ୍ ନେଲେ ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ।

ଆଉର୍

୪- ହପ୍ତାର୍ ଶେଷ୍ ବେଲ୍‌କେ ରାଏଜେ ତାତି ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା - ଅନୁମାନ୍ କଲା ପାଣିପାଗ କେନ୍ଦ୍ର ।

ବିଧାନ୍‌ସଭା-୧ ଭୁବନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୧୩ ନମ୍ବର ଦିନେ ଆଏଜ୍ ଭିଲ୍ କଂଗ୍ରେସ୍ ସଦ୍ୟମାନ୍‌କର୍ ବିଶୃଙ୍ଖଳିତ୍ ଆଚରଣ୍

ଲାଗି ବାଚସ୍ପତି ସୁରମା ପାଢ଼ୀ ବାକି ୨ ଜଣ୍ କଂଗ୍ରେସ୍ ସଦସ୍ୟ ତାରା ପ୍ରସାଦ୍ ବାହିନୀପତି ଆଉ ରମେଶ୍ ଜେନାଙ୍କୁ ୭ ଟା କାର୍ଯ୍ୟଦିବସ୍ ଲାଗି ଗୃହନୁ ନିଲମ୍ବିତ୍ କରିଛନ୍ । ଆଝିର୍ ୨ ଜଣ୍ ସଦସ୍ୟଙ୍କୁ ମିଶେଇକରି କଂଗ୍ରେସ୍ର ସବୁ ସଦସ୍ୟଙ୍କୁ ଗୃହନୁ ନିଲମ୍ବନ୍ କରାଯାଇଛେ । ସର୍କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ ପ୍ରଧାନ୍ ଦୁହି କଂଗ୍ରେସ୍ ସଦସ୍ୟଙ୍କର୍ ବିରୋଧ୍ ନ ନିଲମ୍ବନ୍ ପ୍ରସ୍ତାବ୍କେ ଆଗତ୍ କରିଥିଲେ । ସଂଖ୍ୟାଧିକ ସର୍କାରୀ ଦଲର୍ ସଦସ୍ୟମାନେ ପ୍ରସ୍ତାବ୍କେ ସମ୍ମତି ଦେବାର୍ ଉତ୍ରୁ ବାଚସ୍ପତି ପ୍ରସ୍ତାବ୍କେ ଅନୁମୋଦନ୍ କରିଥିବାର୍ ଜନାପଡ଼ିଛେ ।

ସେଆଡ଼େ ବିଜେଡ଼ି ସଦସ୍ୟମାନେ ପ୍ରଶ୍ନକାଲକେ ବର୍ଜନ୍ କରିଥିଲେ । ଅନୁସୂଚିତ୍ ଜାତି ଜନଜାତି ଆଉ ପଛୁଆ ବର୍ଗଙ୍କୁ ସଂରକ୍ଷଣ୍ ଦାବି କରିକରି ବିଜେଡ଼ି ବିଧାୟକ୍ମାନେ ଏଜି ଛକ୍ ନ ଥିବା ଆମ୍ବେଦ୍କରଙ୍କର୍ ପ୍ରତିମୂର୍ତି ପାଶୁ  ପଦଯାତ୍ରାଥି ଆସିକରି ବିଧାନ୍ସଭା ଗେଟ୍ ନ ପୁହୁଁଚିଥିଲେ । ତାର୍ ଉତ୍ରୁ ଗୃହକେ ଆସିକରି ଗଲାକାଏଲ୍ ଆଉ ଆଏଜ୍ ବାଚସ୍ପତି ନେଇଥିବା ପଦକ୍ଷେପ୍ ଆଉ ଅଲ୍ଗା ଘଟ୍ନା ଉପ୍ରେ ବାଚସ୍ପତିଙ୍କର୍ନୁ ବିବୃତି ମାଗିଥିଲେ ।

ବିଶୃଙ୍ଖଲିତ୍ ପରିସ୍ଥିତି ଲାଗି ଆଏଜ୍ ସଖାଲର୍ ଅଧିବେଶନ୍ଥି ବାଚସ୍ପତି ଆଏଜ୍ ୪ ଥର୍ ଗୃହକେ ମୁଲ୍ତବୀ ରଖିଥିଲେ । ଶେଷେ ଗୃହକାର୍ଯ୍ୟକେ ଉପର୍ବେଲା ୪ ବଜେତକ୍

ଉପବାଚସ୍ପତି  ମୁଲ୍‌ତବୀ ରଖିଥିଲେ । ଆଏଜ୍ ଗୃହ ନ ପ୍ରଶ୍ନକାଲ ନାଇଁ ହେଇଥିବାର୍ ବେଲେ ଶୂନ୍ୟକାଲଥି ବିଜେଡ଼ି ସଦସ୍ୟମାନେ କଂଗ୍ରେସ୍ ସଦସ୍ୟମାନ୍‌କୁ ବାଚସ୍ପତି ନେଇଥିବା ନିଲମ୍ବନ୍ ପଦକ୍ଷେପ୍‌କେ ନେଇକରି କ୍ଷୋଭ ପ୍ରକାଶ୍ କରିଥିଲେ ଆଉ ବାଚସ୍ପତିଙ୍କର୍ ବିବୃତି ଦାବି କରିଥିଲେ । ଶାସକ୍ ଦଲ୍ ତର୍‌ଫୁ ବାଚସ୍ପତିଙ୍କର୍ ନିଷ୍ପତିକେ ପୁରା ସମର୍ଥନ୍ ଦିଆଯାଇଥିଲା ।

ସେଆଡ଼େ ଗଲାକାଏଲ୍ ନିଲମ୍ବିତ୍ ହେଇଥିବା କଂଗ୍ରେସ୍ ବିଧାୟକ୍‌ମାନେ ବିଧାନ୍‌ସଭା ଭିତର୍‌କେ ପଶ୍‌ବାର୍‌କେ ଚେରେଷ୍ଟା କର୍‌ବାର୍‌ନୁ ପୁଲିସ୍ ସାଙ୍ଗେ ଧସ୍ତାଧସ୍ତି ହେଇଥିଲା । ଭୁବ୍‌ନେଶ୍ୱର୍ ଡିସିପି ଜଗ୍‌ମୋହନ୍ ମୀନା ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍, ବିଧାନ୍‌ସଭା ଇଲାକା ନ ଶହେ ୬୩ ଧାରା ଜାରି କରାଯାଇଛେ । ନିଲମ୍ବିତ୍ କଂଗ୍ରେସ୍ ବିଧାୟକ୍‌ମାନେ ବିଧାନ୍‌ସଭା ଫାଟକ୍ ସାମ୍ନାଥି ଧାର୍‌ନା ଦେବାର୍ ସହେତେ ମୁଖ୍ୟଦ୍ୱାର ଦେଇକରି ଜବ୍‌ରନ୍ ଢୁକ୍‌ବାର୍‌କେ ଚେରେଷ୍ଟା କରୁଥିବାର୍‌ନୁ ପୁଲିସ୍ ତର୍‌ଫୁ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଥିଲା ।

ବିଧାନ୍‌ସଭା-୨ ଭୁବନେଶ୍ୱର୍ ସମ୍ବାଦଦାତା

ଗୃହ ନ ବିରୋଧୀ ସଦସ୍ୟମାନ୍‌କର୍ କିର୍ଲାଗଗା ଚାଲିଥିବାର୍‌ନୁ ଗୃହକାର୍ଯ୍ୟ ବାର୍‌ବାର୍ ବାଧାପ୍ରାପ୍ତ ହେଇଛେ । ଗୃହର୍

ସୁପରିଚାଳନା ଲାଗି ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ୍ ଡାକିଥିଲେ । ବିରୋଧୀ ଦଲ୍ ଉପନେତା ଆଉ ମୁଖ୍ୟ ସଚେତକ୍ ଆଉ ସର୍କାରୀ ଦଲର୍ ବରିଷ୍ଠ ନେତାଙ୍କର୍ ସହେତେ ଆଲୋଚନା କରିଥିଲେ ।

ଆଇନ୍‌ମନ୍ତ୍ରୀ -ସାମ୍ବାଦିକ୍ ସମ୍ମିଲନୀ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ବିଧାନସଭାକେ ଅଚଳ କର୍‌ବାର୍ ଲାଗି ବିରୋଧୀ ସଦସ୍ୟମାନଙ୍କର୍ ତର୍‌ଫୁ ଉଦ୍ୟମ୍ କରାଯାଉଛେ ବଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍ । ଆଏଜ୍ ବିଧାନସଭା ପରିସର୍ ନ ଇ ବାବ୍‌ଦେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍, କିଛିଦିନ୍ ହେଲା ବିରୋଧୀ ସଦସ୍ୟମାନେ ଲଗାତର୍ ବିଶୃଙ୍ଖଳିତ୍ ଆଚରଣ ପ୍ରଦର୍ଶନ୍ କରି କରି ଖରାପ୍ ପରମ୍ପରା ସୃଷ୍ଟି କରିଛନ୍ । ଇତାର୍ ଭିତ୍‌ରେ ବାଚସ୍ପତି ୫ ଥର ସର୍ବ ଦଳୀୟ ବୈଠକ୍ ଡାକିକରି ଆଲୋଚନା ଭିଲ୍ କରିଛନ୍ । ହେଲେ ବିରୋଧୀ ଦଲର୍ ସଦସ୍ୟମାନେ ଗୃହ ନ ଶୃଙ୍ଖଳିତ୍ ଆଚରଣ ପ୍ରଦର୍ଶନ ନାଇ କର୍‌ବାର୍‌ନୁ ବାଚସ୍ପତି ସେମାନଙ୍କୁ ନିଲମ୍ବନ୍ କରିଛନ୍ ବଲି ଆଇନମନ୍ତ୍ରୀ କହିଛନ୍ । ସେ ଆହୁରି

କହିଛନ୍, କଂଗ୍ରେସ୍ ବିଧାୟକ୍‌ମାନେ ନାରୀ ସୁରକ୍ଷା ଆଉ ଆଇନ୍ ଶୃଙ୍ଖଳା ଥିତିକେ ନେଇକରି ବିଧାନସଭା ଗୃହ କମିଟି ଗଠନ୍ କର୍‌ବାର୍ ଲାଗି ଯେନ୍ ଦାବି କରୁଛନ୍ ସେଟା ଯୁକ୍ତିଯୁକ୍ତ ନୁହେ । ଇ ସବୁ ବିଷେଥି ରାଜ୍ୟ ସରକାର ସଚେତନ୍ ଅଛନ୍ ବଲି ଆଇନମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-୩ ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ଆର୍ଥିକ୍ କ୍ଷେତ୍ରଥି ବର୍‌କସ୍ କରିକରି ରୋଜ୍‌ଗାରିଆ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ୍ ଯୋଜ୍‌ନା, ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା କାର୍ଯ୍ୟକାରୀ କରାଯାଇଛେ । ଇଡାର୍‌ସହେତେ ଖାସ୍ ଭାବେ ରିହାତି ଭିଲ୍ ଦିଆଯାଉଛେ ବଲି ଗୃହ ନ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ଶାସକ୍ ଦଲ୍ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କର୍ ମୁଲ୍ ପ୍ରଶ୍ନର୍ ଆଉ ବିଧାୟକ୍ ମନୋରଞ୍ଜନ୍ ଝ୍କାନ୍ ସାମନ୍ତରାୟ, କୃଷ୍ଣଚନ୍ଦ୍ର ନାୟକଙ୍କର୍ ଅତିରିକ୍ତ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍, ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀମାନ୍‌କୁ ୨ ଟା ଗାଏର୍ ଦାମ୍ ଦିଆଯାଇଛେ ।

ସେଥି ସବ୍‌ସିଡ଼ିର୍ ଭିଲ୍ ବ୍ୟବସ୍ଥା କରାଯାଇଛେ । ସାଧାରଣ୍ ବର୍ଗର୍ ଲୁକ୍‌କର୍ ଲାଗି ୬୦ ପ୍ରତିଶତ୍ ଆଉ ଅନୁସୂଚିତ ଜାତି, ଜନଜାତି ଆର୍ ପଛୁଆ ବର୍ଗଙ୍କର୍ ଲାଗି ୭୦ ପ୍ରତିଶତ୍ ସବ୍‌ସିଡିର୍ ବ୍ୟବସ୍ଥା ରହିଛେ ।

ଓଡ଼ିଶା ହାଇକୋର୍ଟ-ନୂଆଁ ମୁଖ୍ୟ ବିଚାର୍‌ପତି /ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ନ ନୂଆଁ ମୁଖ୍ୟ ବିଚାର୍‌ପତି ଭାବେ ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଏଜ୍ ସଖାଲର୍ ୧୦ ବଜେ ଶପଥ୍ ନେଇଛନ୍ । ହାଇକୋର୍ଟ ପରିସର୍ ନ ହେଇଥିବା ଶପଥ୍ ସମାରୋହଥି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି - ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ଶପଥ୍ ପାଠ୍ କରେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଭାବେ ନିଯୁକ୍ତି ଦେବାର୍ ଲାଗି ସୁପ୍ରିମ୍‌କୋର୍ଟ କଲେଜିୟମ୍‌ର ସୁପାରିଶ୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା ୨୧ ତାରିଖ୍ ସ୍ୱୀକୃତି ଦେଇଥିଲେ ।

ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ୧୯୮୯ ମସିହା ସେପ୍ଟେମ୍ବର୍ ୨୬ ତାରିଖ୍ ଦିନ କଲିକତା ହାଇକୋର୍ଟର ଆଇନ୍‌ଜୀବୀ ଭାବେ କାମ୍ ମୁଲ୍ କରିଥିଲେ । ୨୦୧୦ ମସିହା ଏପ୍ରିଲ୍ ୧୩ ତାରିଖ୍ ଦିନ

କଲିକତା ହାଇକୋର୍ଟର ବିଚାର୍‌ପତି ଭାବେ ସେ ନିଯୁକ୍ତି ପାଇଥିଲେ ।

ଜୁଏଥି ପୁଡ଼ି ମୃତ୍ୟୁ- ମୁଖ୍ୟମନ୍ତ୍ରୀ ସାହାଜ୍       ହି.ସ.

ରାଉର୍‌କେଲା ନ ଜୁଏଥି ପୁଡ଼ିକରି ୧୨ ବଛ୍‌ରର୍ ଛୁଆର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ୍ ପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୃତକ ଛୁଆର୍ ପରିବାର୍ ଲୁକ୍‌କୁ ୪ ଲାଖ୍ ଟଙ୍କାର୍ ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାଉର୍‌କେଲା ସହରର୍ ସେକ୍ଟର୍ ୭ ଥାନା ଇଲାକାର୍ ଦୁର୍ଗାପୂଜା ମଣ୍ଡପ୍ ଠାନେ ସେକ୍ଟର୍ ୬ ବଙ୍ଗାଲି ବସ୍ତିର୍ ଗୁଟେ ଛୁଆର୍ ପୁଡ଼ିକରି ଜୀବନ୍ ଯାଇଥିଲା ।

ଜାତୀୟ ଶିକ୍ଷାନୀତି -୨୦୨୦       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ବିଦ୍ୟାଲୟମାନ୍‌କେ ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ ହେବାର୍‌କେ ଯାଉଥିବାର୍ ବେଲେ ସବୁ ବିଦ୍ୟାଲୟମାନ୍‌କେ ଶିଶୁବାଟିକା ମୁଲ୍ ହେବା । ଏପ୍ରିଲ୍ ୨ ତାରିଖ୍ ଦିନ ସାରା ରାଏଜେ ବିଦ୍ୟାଲୟ ପ୍ରବେଶ୍ ଉତ୍ସବ୍

ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ କରାହେବା । ଇଥିର୍‌ଲାଗି ଛାତ୍ରଛାତ୍ରୀମାନ୍‌କର୍ ପରିବାର୍ ଲୁକ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ତର୍‌ଫୁ ଦିଆଯାଇଥିବା ନିମନ୍ତ୍ରଣ୍‌ପତ୍ର ବଂଟା ଚାଲିଛେ । ଫି’ ଜିଲ୍ଲା ନ ଶିକ୍ଷା ବିଭାଗ୍‌ର ଅଧିକାରୀ, କର୍ମଚାରୀ ଆର୍ ଶିକ୍ଷକ୍, ଶିକ୍ଷୟିତ୍ରୀମାନେ ଘର୍ ଘର୍ ଯାଇକରି ନିମନ୍ତ୍ରଣ୍ ପତ୍ର ବଂଟୁଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ସାଧାରଣ୍ ଲୁକ୍‌କର୍ ମତାମତ୍ ମଗାଯାଇଥିଲା । ବହୁତ୍ ସଂଖ୍ୟାଥି ମତାମତ୍ ପାଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଧନ୍ୟବାଦ୍ ଜନେଇଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ ‘ନ୍ୟୁଜ୍ ଅନ୍ ଏଆଇଆର୍’ ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା ।

ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ବସ୍‌ଷ୍ଟାଣ୍ଡ ନୋଡାଲ୍ କମିଟିର୍ ବୈଠକ     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳଙ୍କର ସଭାଗୃହନ ଜିଲ୍ଲାପାଳ ମଧୁସୂଦନ୍ ଦାସଙ୍କର ଅଧ୍ୟକ୍ଷତାଥି ସଡ଼କ ସୁରକ୍ଷା କମିଟି ଆଉ ଆମ ବସ୍‌ଷ୍ଟାଣ୍ଡ ନୋଡାଲ୍ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘଭେନ୍ଦ୍ରଙ୍କର ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ସଚେତନ୍‌ତା ଜରିଏ ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ସହେତେ ଅମୂଲ୍ୟ ଜୀବନ୍ ବଂଚାବାର୍ ଲାଗି ଆହ୍ୱାନ୍ କରିଛନ୍ । ଜିଲ୍ଲାନ ଦୁର୍ଘଟଣା ଶୂନ୍ କର୍‌ବାର୍ ଲାଗି ଜିଲ୍ଲପାଳ ଆଉ ଏସ୍‌ପି ଆହ୍ୱାନ୍ ଦେଇଛନ୍ ।

ଜାତୀୟ ରାଜ୍‌ପଥ-ଥିତି ଯାଂଚ୍     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ସଡ଼କ ସୁରକ୍ଷା କମିଟି ତର୍ଫୁ ଜିଲ୍ଲା ସୀମ୍‌ନାର୍ ଗୁଣ୍ଡେଇମରାନୁ ତିଲେଇବଣି ତକ୍ ଜାତୀୟ ରାଜ୍‌ପଥ୍‌ର ଖଣିଆ ଖାବ୍‌ରା ଥିତିର୍ ଯାଂଚ୍ କରାଯାଇଛେ । ଆଂଚଲିକ୍ ପରିବହନ୍ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କର ନେତୃତ୍ୱଥି ସମ୍ବଲପୁର ଏନ୍‌ଏଚ୍‌ଏଆଇ ମରାମତି ବିଭାଗର୍ ଅଧିକାରୀ, କର୍ମଚାରୀ ଆଉ ଦେବଗଡ଼ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ୍ ଥିଲେ । ରାସ୍ତା ଯେନ୍ ଯେନ୍‌ଠାନେ ଖରାପ୍ ହେଇଛେ ତାର୍ ତୁର୍‌ତି ମରାମତି କର୍‌ବାର୍ ଲାଗି କମିଟି ପରାମର୍ଶ ଦେଇଛେ ।

ବନ୍ଦେ ଭାରତ୍ ଏକ୍ସପ୍ରେସ ଆର୍‌ଏନ୍‌ୟୁ/

ରାଉର୍‌କେଲା-ପୁରୀ-ରାଉରକେଲା ବନ୍ଦେ ଭାରତ୍ ଏକ୍ସପ୍ରେସ ଚଲାଚଲ୍ ସୂଚୀଥି ସଂଶୋଧନ୍ କରାଯାଇଛେ । ଇ ଟ୍ରେନ୍ ଜୁନ୍ ୩ ତାରିଖ୍‌ନୁ ମଙ୍ଗଲ୍‌ବାର୍ ଦିନ ବନ୍ଦ୍ ରହେବା ଆର୍ ଜୁନ୍ ୭ ତାରିଖ୍‌ନୁ ଶନିବାର୍ ଦିନ ମାନ୍‌କେ ଚଲାଚଲ୍ ସ୍ୱାଭାବିକ୍ ରହେବା ।

**ମହାନଦୀ ଘାଟ୍-ମାଛ ଜାଆଁଳା** ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍ ବହିରା ପଂଚାୟତ ତେନ୍ତୁଳିପାଲି ମହାନଦୀ ଘାଟ୍‌ନ ଜିଲ୍ଲା ମସ୍ୟ ବିଭାଗ୍ ତର୍‌ଫୁ ଜାଆଁଳା ଛାଡ଼୍‌ବାର୍ କାର୍ଯ୍ୟକ୍ରମ ଆଉ ସଚେତନ୍‌ତା ଶିବିର ହେଇଯାଇଛେ । ମସ୍ୟ ସମ୍ପଦର୍ ବିକାଶ ଆଉ ମାଛ୍ ଉତ୍ପାଦନ୍‌କେ ବଢ଼ାବାର୍ ଲାଗି ଉନ୍ନତ୍‌ମାନର୍ ୭ ଲାଖ୍ ୫୦ ହଜାର ଅଙ୍ଗୁଳିକା ମାଛ ଜାଆଁଳା ଇ ଅବ୍‌ସରେ ଛଡ଼ାଯାଇଥିଲା । ମହାନଦୀର୍ ପଏନ୍‌ଥି ରାସାୟନିକ୍ ଔଷଧ କି ବିସ୍ଫୋରକ୍ ନାଇ ପ୍ରୟୋଗ୍ କର୍‌ବାର୍‌କେ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ ।

**ପରୀକ୍ଷା ଫଳ- ଉଛବ୍** ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ କେନ୍ଦ୍ରୀୟ ବିଦ୍ୟାଳୟଠାନେ ପରୀକ୍ଷା ଫଲ୍ ପ୍ରକାଶ୍ ପାଏବାର୍ ଉଛବ୍ ପାଲନ୍ କରାଯାଇଛେ । ସ୍କୁଲ୍ ଅଧ୍ୟକ୍ଷ ନୂଆ ଶିକ୍ଷା ବଛର୍ ଲାଗି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ୍ କରିଛନ୍ । ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ୍ ଭାବେ ସ୍କୁଲ୍ ପଠାବାର୍ ଦିଗେ ଅଭିଭାବକ୍‌ମାନଙ୍କର ବଡ଼ ଭୂମିକା ରହିଛେ ବଲି କହିଛନ୍ ।

ସୂଚ୍‌ନା ଅଧିକାର ଆଇନ୍-କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସୂଚ୍‌ନା ଆଉ ଲୋକ୍ ସମ୍ପର୍କ ବିଭାଗ୍ ତର୍‌ଫୁ ଜିଲ୍ଲାପାଳଙ୍କର ସମ୍ମିଳନୀ କକ୍ଷଠାନେ ସୂଚ୍‌ନା ଅଧିକାର ଆଇନ୍ ବାବଦ୍ ଗୁଟେ କର୍ମଶାଳାକେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ୍ କରିଛନ୍ । କର୍ମଶାଳାଥି ସୂଚ୍‌ନା ଅଧିକାର ଆଇନ୍ ବାବଦ୍ ନୂଆ ପୋର୍ଟାଲ୍, ଆଉ ତାର୍ ବେଭାର୍, ଅନ୍‌ଲାଇନ୍ ସୂଚ୍‌ନା ଦେବାର୍ ବାଗିର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଜିଲ୍ଲାପାଲ ଜୋର୍ ଦେଇଛନ୍ ।

ଜିଲ୍ଲାସ୍ତରୀୟ ସମବାୟ ଉଛବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆଦର୍ଶ କୃଷକ ବଜାରଠାନେ ଜିଲ୍ଲାସ୍ତରୀୟ ସମବାୟ ଉଛବ୍‌କେ ଜିଲ୍ଲାପାଳ ସୁବ୍ରତ୍ କୁମାର ପଣ୍ଡା ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଏସ୍‌ଏଚ୍‌ଜି ମହିଲା ଆଉ ଭିନ୍ ଭିନ୍ ଲୁକ୍‌କୁ ଚେକ୍ ଜରିଏ ଋଣ ଦିଆଯାଇଥିଲା । ଇ ଅବ୍‌ସରେ ଭଲ୍ କାମ୍ ଲାଗି ଜିଲ୍ଲାର ସମବାୟ ସମିତିମାନଙ୍କୁ ସମ୍ମାନୀତ୍ କରାଯାଇଥିଲା ।

କଲାହାଣ୍ଡି କପ୍-୨୦୨୫ ଓସିଏ

ଓଡ଼ିଶା କ୍ରିକେଟ୍ ସଂଘ ଆନ୍ତଃଜିଲ୍ଲା ବରିଷ୍ଠ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ - କଲାହାଣ୍ଡି କପ୍-୨୦୨୫ ର ୨ ନମ୍ବର୍ ଖେପ୍ ଲିଗ୍ ମେଚ୍ ଆଏବା କାଏଲ୍ଠାନୁ ମୁଲ୍ ହେବା । ଗ୍ରୁପ୍ -ଡି, ଗ୍ରୁପ୍-ଇ ଆର୍ ଗ୍ରୁପ୍ -ଏଫ୍‌ର ମେଚ୍‌ମାନେ ଦିନ୍‌କିଆ ଫର୍ମାଟ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପଶ୍ଚିମାଝଡ଼୍ ପ୍ରଭାବ୍ କମିଯାଇଥିଲା ବେଲ୍‌କେ ଶୁକ୍ରବାର୍‌ତକ୍ ପାଣିପାଗକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୪ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଜ୍ୟର୍ ବୌଦ୍ଧ ନ ସବୁନୁ ଜହ ତାତି ୩୯ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ରାଜ୍ୟର୍ ୧୦ ସହରର୍ ତାପମାତ୍ରା ୩୮ ଡିଗ୍ରୀ ନୁ ଜହ ରହିଛେ ।